# Akashvani, Sambalpur

## SAMBALPURI NEWS MORNING BULLETIN

## 14 September 2026 - 6.47- 6.52 am.

---

ହିନ୍ଦୀ ଦିବସ୍          ଆର୍ଏନ୍ୟୁ ସମ୍ବଲପୁର

ସାରା ଦେଶେ ଆଏଜ୍ ହିନ୍ଦୀ ଦିବସ୍ ପାଲନ୍ କରାଯାଉଛେ । ସମ୍ବିଧାନ୍ ସଭା ନ ୧୯୪୯ ମସିହାର୍ ଆଜିର୍ ଦିନେ ଦେବ୍ନାଗ୍ରୀ ଲିପିଥି ଲେଖା ହେଇଥିବା ହିନ୍ଦୀକେ ସର୍କାରୀ ଭାଷା ଭାବେ ଗ୍ରହଣ୍ କରାହେଇଥିଲା । ପୁର୍ଥିର୍ ପାଖାପାଖି ୫୨ କୋଟି ନୁ ଅଏତ୍କା ଲୋକ୍ ହିନ୍ଦୀ ଭାଷାର୍ ବେଭାର୍ କରୁଛନ୍ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଆଏଜ ନଓ୍ୱି ମୁମ୍ବାଇ ନ ଆୟୋଜିତ୍ ହେବାର୍କେ ଥିବା ହିନ୍ଦୀ ଦିବସ୍ କାର୍ଯ୍ୟକ୍ରମ୍ ଆଉ ୬ ନମ୍ବର୍ ଅଖିଲ୍ ଭାରତୀୟ ରାଜ୍ଭାଷା ସମ୍ମିଳନୀଥି ଯୋଗ୍ ଦେବେ । ୨ ଦିନ୍ ତକ୍ ହେବାର୍କେ ଥିବା ସମ୍ମିଳନୀଥି ଭିନ୍ ଭିନ୍ କ୍ଷେତ୍ରର୍ ବିଦ୍ୱାନ୍, ସାହିତ୍ୟିକ୍, ଶିକ୍ଷାବିତ୍, ସାଂସଦ୍ ଆଉ ବରିଷ୍ଠ ଅଧିକାରୀମାନେ ସାମିଲ୍ ହେବେ । ଉଦ୍ଘାଟନୀ ଅଧିବେଶନ୍ଥି ଆଏଜ୍ ଶ୍ରୀ ଶାହା ୨୦୨୫ -୨୬

ବଛର୍ ଲାଗି ରାଜ୍‌ଭାଷା ଗୌରବ୍ ଆଉ ରାଜ୍‌ଭାଷା କୀର୍ତି ପୁରସ୍କାର୍ ପ୍ରଦାନ୍ କର୍‌ବେ ।

ସେବା ସଂକଳ୍ପ ଅଭିଯାନ        ଆଇ.ଆଣ୍ଡ୍.ପି.ଆର୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ୨୫ ବଛର୍‌ର ଜନସେବା ନୁ ପ୍ରେରଣା ନେଇକରି ସାରା ଦେଶେ ମୁଲ୍ ହଉଥିବା ସେବା ସଂକଳ୍ପ ଅଭିଯାନ୍‌କେ ରାଏଜେ ଗୁଟେ ବ୍ୟାପକ୍ ଜନସେବା ଅଭିଯାନ୍ କରାଯିବା । ସେବାକେ ଖାଲି ଗୁଟେ କାର୍ଯ୍ୟକ୍ରମ୍‌ଥି ସିମିତ୍ ନାଇଁ ରଖିକରି ଇତାକେ ଜନଭାଗିଦାରୀର୍ ଗୁଟେ ଆନ୍ଦୋଲନ୍ ବନାବାର୍‌କେ ଗୃହନିର୍ମାଣ୍ ଆଉ ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଆହ୍ୱାନ୍ ଦେଇଛନ୍ । ଓଡ଼ିଶା ନ ଇ ଅଭିଯାନ୍‌କେ ସାଂଗଠନିକ୍ ଜିଲ୍ଲା ମଣ୍ଡଲ୍ ଆଉ ବୁଥ୍ ସ୍ତର୍‌ତକ୍ ନେବାର୍ ସହେତେ ସମାଜ୍‌ର ଶେଷ୍ ଖେପେ ଥିବା ଲୁକ୍‌କର୍ ନିକେ ପୁହୁଁଚାବାର୍ ଉପ୍‌ରେ ଜୋର୍ ଦିଆଯିବା । ଇ ଅବ୍‌ସରେ ରକ୍ତଦାନ୍ ଶିବିର୍, ସ୍ୱଚ୍ଛତା ଅଭିଯାନ୍, ଶ୍ରମଦାନ୍, ବୃକ୍ଷରୋପଣ୍, ଜନସଚେତନତା

ଆଉ ଭିନ୍ ଭିନ୍ ସାମାଜିକ୍ ଆଉ ଜନକଲ୍ୟାଣ୍ମୂଲକ୍ କାର୍ଯ୍ୟକ୍ରମ୍ ମାନ୍ ଆୟୋଜିତ୍ ହେବା ।

ଜନଅଭିଯୋଗ ଶୁଣାଣି ଶିବିର      ଆର୍ଏନ୍ୟୁ/ କଟକ୍

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏଜ୍ ବନ୍ଦ୍ ରହେବା । ସର୍କାରୀ ଛୁଟି ଦିନ୍ ଥିବାର୍ନୁ ଭୁବ୍ନେଶ୍ୱର୍ ୟୁନିଟ-୨ ଠାନେ ହେବାର୍କେ ଥିବା ଅଭିଯୋଗ୍ ଶୁଣାଣିକେ ବନ୍ଦ୍ ରଖାଯାଇଛେ । ପରବର୍ତୀ ଶୁଣାଣି ତାରିଖ୍ ସମ୍ବାଦପତ୍ର ଆଉ ଗଣମାଧ୍ୟମ୍ ଜରିଏ ଲୁକ୍କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଗଣେଶ ପୂଜା      ଆର୍ଏନ୍ୟୁ ସମ୍ବଲପୁର୍

ଭୁଦୋ ମାସର୍ ଉଜଲ୍ପଖର୍ ଚତୁର୍ଥୀ ତିଥି ଅବ୍ସରେ ଆଏଜ୍ ବିଘ୍ନ ବିନାଶନ୍ ଗଣେଶଙ୍କର୍ ପୂଜା ଲାଗି ଗାଁନୁ ସହର୍ ଚଳଚଂଚଲ୍ ହେଇଉଠିଛେ । ଶ୍ରୀଗଣେଶ୍ଙ୍କୁ ବିଦ୍ୟାର ଦେବତା ଆର୍ ଅଗ୍ରପୂଜ୍ୟ

ଭାବେ ଧାର୍ମିକ୍ ଉତ୍ସବ୍, ଯଜ୍ଞ ପୂଜା ଆର୍ ଶୁଭ୍ କାମ୍‌ଥି ପହେଲା ପୂଜା କରାଯାଏସି । ଦେଶର୍ ଭିନ୍ ଭିନ୍ ଜାଗା ନ ୧୧ ଦିନ୍‌ତକ୍ ଗଣେଶପୂଜା ପାଲନ୍ କରାଯାଏସି । ମହାରାଷ୍ଟ୍ର ନ ଗଣେଶ ପୂଜାକେ ସେନର୍ ସବୁନୁ ବଡ଼ ପରବ ଭାବେ ପାଲନ୍ କରାଯାଏସି । ହାଇଦ୍ରାବାଦ୍ ନ ଭିଲ୍ ଆଏଜ୍‌ଠାନୁ ୧୧ ଦିନ୍‌ତକ୍ ପ୍ରଭୁ ବିଘ୍ନନାଶନ୍‌ଙ୍କର୍ ପୂଜା ପାଲନ୍ କରାଯାଏସି । ଶିକ୍ଷାନୁଷ୍ଠାନ୍‌ମାନ୍‌କେ ଗଣେଶପୂଜାର ଖାସ୍ ମହତ୍ୱ ରହିଛେ ।

ନୂଆଖାଇ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ ଓଡ଼ିଶାର୍ କୃଷିଭିତିକ୍ ଗଣପର୍ବ ନୂଆଖାଇ ଆଏବା କାଏଲ୍ ପାଲନ୍ ହେବା । ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା ସମଲେଶ୍ୱରୀଙ୍କର୍ ନ ସଖାଲର୍ ୯ ବାଜିକରି ୪୦ ମିନିଟ୍‌ନୁ ୯ ବାଜିକରି ୫୪ ମିନିଟ୍ ଭିତ୍‌ରେ ନବାନ୍ନ ଲାଗି ହେବା । ନୂଆଖାଇ ତିହାର୍ ଲାଗି ଘରେ ଘରେ ବ୍ୟାପକ୍ ପ୍ରସ୍ତୁତି ମୁଲ୍ ହେଇଥିବାର୍ ବେଲେ ମା ସମଲେଶ୍ୱରୀଙ୍କର୍ ମନ୍ଦିର୍ ନ ଭିଲ୍ ପ୍ରସ୍ତୁତି ଶେଷ୍ ଖେପେ ପୁହୁଁଚିଛେ । ସମଲେଶ୍ୱରୀ ପୀଠ ନ ମନ୍ଦିର୍‌ର ରଙ୍ଗ୍ କାମ୍ ସରିଥିବାର୍

ବେଲେ ଆଏଜ୍ ପାର୍ଶ୍ୱ ଦେବାଦେବୀଙ୍କୁ ସିନ୍ଦୁର୍ ଲଗାଯାଇଛେ । ସେନ୍ତା ମାଙ୍କର୍ ଅଲଙ୍କାର୍ ସଫା କାମ୍ ଭିଲ୍ ଶେଷ୍ ହେଇଛେ । ନୂଆଖାଇ ତିହାର୍ ସମ୍ବଲ୍‌ପୁର୍ ସହେତେ, ବର୍‌ଗଡ୍, ବଲାଙ୍ଗିର୍, ସୁନ୍ଦର୍‌ଗଡ୍, କଲାହାଣ୍ଡି, ଝାର୍‌ସୁଗୁଡ଼ା, ନୂଆପଡ଼ା, ବୌଦ୍ଧ, ଆଠ୍‌ମଲ୍ଲିକ୍ ବାଗିର୍ ଇଲାକାମାନ୍‌କେ ଉସତ୍ ଉସ୍‌ନାକି ସହେତେ ପାଲନ୍ କରାଯାଏସି ।

ବର୍ଜ୍ୟବସ୍ତୁ ପରିଚାଳନା          ଆର୍‌ଏନ୍‌ୟୁ/ କଟକ୍

ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନାକେ ଆହୁରି ବର୍‌କସ୍ କର୍‌ବାର୍ ଲାଗି କେନ୍ଦ୍ର ସର୍‌କାର୍ କଠିଣ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ୍ - ୨୦୨୬ ଲାଗୁ କରିଛନ୍ । ନୂଆଁ ନିୟମ୍‌ଥି ଉପ୍ତି ସ୍ଥଲ୍ ନ ଜଗ୍‌ଡ଼ାକେ ୪ ପ୍ରକାରେ ଭାଗ୍ କର୍‌ବାର୍‌ଟାକେ ବାଧ୍ୟତାମୂଲକ୍ କରାଯାଇଛେ । ଖୁଲା ଜାଗା ନ ଜଗ୍‌ଡ଼ା ଫିକ୍‌ବାର୍ କି ତାହାକେ ଜଲାବାର୍ ଲାଗି ପରିବେଶ୍ ପ୍ରଦୂଷଣ୍ ହେସି । ହେଥିର୍‌ଲାଗି ଏନ୍ତା କାମ୍ ନୁ ଦୂରେ ରହେବାର୍‌କେ ସର୍‌କାର୍‌ଙ୍କର୍ ତର୍‌ଫୁ ଲୁକ୍‌କୁ ସଚେତନ୍ କରାଯାଉଛେ । ପ୍ଲାଷ୍ଟିକ୍ ଜଗ୍‌ଡ଼ା କମ୍ କର୍‌ବାର୍ ଲାଗି ଥରେ

ବେଭାର୍ ହଉଥିବା ପ୍ଲାଷ୍ଟିକ୍ କମାବାର୍ ସହେତେ ସଠିକ୍ ସଂଗ୍ରହ ଆଉ ପୁନଃ ଚକ୍ରଣ ଉପ୍‌ରେ ଜୋର୍ ଦିଆଯାଇଛେ । ନିୟମ୍ ଉଲ୍ଲଂଘନ୍ କ୍ଷେତ୍ରଥି ନୂଆଁ ନୀତି ଅନ୍‌ସାରେ କ୍ଷତିପୂରଣ୍ ଆଦାୟର ବ୍ୟବସ୍ଥା ରହିଛେ । ଜଗ୍‌ଡ଼ାକେ ଖାଲି ଆବର୍ଜନା ହିସାବେ ନାଇଁ ଦେଖିକରି ତାହାକେ ଫେର୍‌ଘାଏ ବେଭାର୍ ଆଉ ପୁନଃ ଚକ୍ରଣ ଜରିଏ ସମ୍ପଦ୍‌ଥି ବଦ୍‌ଲାବାର୍‌ଟା ହେଉଛେ ନୂଆଁ ନିୟମ୍‌ର ମୂଲ୍ ଲକ୍ଷ୍ୟ । ବର୍ଜ୍ୟବସ୍ତୁର ପୃଥକୀକରଣ୍ ଆଉ ଠିକ୍ ଭାବେ ନିଷ୍କାସନ୍ ଲାଗି ଗୁଟେ ସ୍ୱଚ୍ଛ, ସୁସ୍ଥ ଆଉ ସବୁଜ ଭାରତ୍ ଗଠନ୍ ସମ୍ଭବ୍ ହେଇପାର୍‌ବା ।

ମହିଳା ଏସିଆ କପ୍ ହକି ଆର୍‌ଏନ୍‌ୟୁ/ ସମ୍ବଲପୁର

ଚୀନ୍‌ର ମୋକି ଠାନେ ଆୟୋଜିତ୍ ହେଇଥିବା କନିଷ୍ଠ ମହିଳା ଏସିଆ କପ୍ ହକି ପ୍ରତିଯୋଗିତାଥି ଭାରତୀୟ ଦଲ୍ ଚାମ୍ପିଅନ୍ ଚମ୍ପିଆନ୍ ହେଇଛେ । ଦଲ୍‌ର ଇ ସଫଲତା ଲାଗି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ୍ ଜନେଇଛନ୍ । ଇ ବିଜୟ

ଖେଲାଲିମାନ୍‌କର୍ ପ୍ରତିଭା ଆଉ ମନୋବଲ୍‌ର ପ୍ରମାଣ୍ ଦେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ପାରା ଅଲମ୍ପିକ୍ସ ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାପାନ୍ ଇଂଟର୍‌ନେସ୍‌ନାଲ୍ ପୁରୁଷ ସିଙ୍ଗଲ୍ସ‌ର ଏସ୍.ଏଲ୍. ଥ୍ରି ବର୍ଗଥି ଓଡ଼ିଶାର୍ ପାରା ବେଡ଼ମିଂଟନ୍ ଖେଲାଲି ପ୍ରମୋଦ୍ ଭଗତ୍ ସ୍ୱର୍ଣ୍ଣପଦକ୍ ଜିତିଛନ୍ । ଶ୍ରୀ ଭଗତ୍ ଇତାର୍‌ଛଡ଼ା ପୁରୁଷ ଡବଲ୍ସ‌ଥି ସାଥୀ ଖେଲାଲି ସୁକାନ୍ତ କଦମ୍‌ଙ୍କର୍ ସହେତେ ରୌପ୍ୟ ପଦକ ଭିଲ୍ ଜିତିଛନ୍ । ଟୋକିଓ ପାରା ଅଲମ୍ପିକ୍ସ ସ୍ୱର୍ଣ୍ଣପଦକ୍ ବିଜେତା ପ୍ରମୋଦ୍ ଭଗତ୍ ସିଙ୍ଗଲ୍ସ ଫାଇନାଲ୍‌ଥି ଚମହାର୍ ପ୍ରଦର୍ଶନ୍ କର୍‌ବାର୍ ସହେତେ ସ୍ୱଦେଶ୍ ଖେଲାଲି ଉମେଶ୍ କୁମାର୍‌ଙ୍କୁ ୨୧-୧୬, ୨୧-୮ ଥି ହରେଇକରି ଇ ସଫଲତା ହାସଲ୍ କରିଛନ୍ ।

ପାଣିପାଗ ଏମ୍.ଇ.ଟି.

ଉତର୍ ପଶ୍ଚିମ ବଙ୍ଗୋସାଗର୍ ଆଉ ତାର୍ ପାଖର୍ ଇଲାକା ନ ସକ୍ରିୟ ଲଘୁଚାପ୍ କ୍ଷେତ୍ର ପଶ୍ଚିମ-ଉତର୍ ପଶ୍ଚିମ ଦିଗ୍ ଦେଇକରି

ଉତର୍ ଉପକୂଳ ଆନ୍ଧ୍ରପ୍ରଦେଶ୍ ଆଉ ଦକ୍ଷିଣ ଓଡ଼ିଶା ଆଡ଼୍‌କେ ଯାଉଛେ । ଇତାର୍ ପ୍ରଭାବଥ୍ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସବୁ ଜିଲ୍ଲା ନ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ  ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ୭ ଦିନ୍‌ତକ୍ ରାଜ୍ୟର୍ କେତେଟା ଜାଗା ନ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ରହିଛେ ।